## କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ଏବଂ ଯୁବ ସାହିତ୍ୟ ପୁରସ୍କାର-୨୦୨୫

# ପୁରସ୍କୃତ ହେବେ ରାଜକିଶୋର, ସୁବ୍ରତ


ଡ. ରାଜକିଶୋର ପାଢ଼ୀ



ଡ. ସୁବ୍ରତ କୁମାର ସେନାପତି


ଫାଗୁ ବାସ୍କୀ

ଭୁବନେଶ୍ୱର,୧୮।୬(ବ୍ୟୁରୋ): ନୂଆଦିଲ୍ଲୀଠାରେ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଚଳିତ ବର୍ଷର ବାଲ୍ ଓ ଯୁବ ସାହିତ୍ୟ ପୁରସ୍କାର-୨୦୨୫ ଘୋଷଣା ହୋଇଛି। ସୂଚିତ ଯେ, ଏଥର ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ। ୨୦୨୩ରେ କୃଷ୍ଣା ପ୍ରକାଶକ ପ୍ରକାଶିତ ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଚି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଚଳିତ ବର୍ଷର ଯୁବ ପୁରସ୍କାର ପାଇବେ ଡ. ସୁବ୍ରତ କୁମାର ସେନାପତି। ୨୦୨୩ରେ ପେନ୍ ଇନ୍ କ୍ଲବ୍ ପ୍ରକାଶିତ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଡ. ସେନାପତି ଜଣେ କୃଷି ବିଜ୍ଞାନୀ। ବର୍ତ୍ତମାନ ସେ ଇନଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍ସେସ୍, ସୋଆ ବିଶ୍ୱବିଦ୍ୟାଳୟର ସ୍ୱାଏଲ କଲଚର୍ ଏବଂ ଆଗ୍ରୋନୋମି ବିଭାଗର ଅସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ଚଳିତ ବର୍ଷ ବାଲ୍ ପୁରସ୍କାର ପାଇଁ ଓଡ଼ିଆ ଭାଷାର ତ୍ରିସଦସ୍ୟ ବିଚାରକ ମଣ୍ଡଳୀରେ ଥିଲେ ପ୍ରଫେସର ନାରାୟଣ ଚକ୍ରବର୍ତ୍ତୀ,

- ସାନ୍ତାଳି ଭାଷାରେ ଯୁବ ପୁରସ୍କାର ପାଇବେ ଫାଗୁ ବାସ୍କୀ
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଧର୍ମେନ୍ଦ୍ରଙ୍କ ଶୁଭେଚ୍ଛା
- 'କେତେ ଫୁଲ ଫୁଟିଚି' ୧୦୧ କବିତାର ସମାହାର: ରାଜକିଶୋର

ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ ଓ ବିଶିଷ୍ଟ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକ। ସେହିପରି ଯୁବ ପୁରସ୍କାର ଚୟନ ପାଇଁ ଓଡ଼ିଆ ଭାଷାର ତ୍ରିସଦସ୍ୟ ବିଚାରକ ମଣ୍ଡଳୀରେ ଥିଲେ ବିଶିଷ୍ଟ ଲେଖିକା ପାରମିତା ମିଶ୍ର, ପ୍ରତିଷ୍ଠିତ ସାହିତ୍ୟିକ ଗତିକୃଷ୍ଣ ଓ ବୃନ୍ଦାବନ ଶତପଥୀ। ସେହିପରି ସାନ୍ତାଳି ଭାଷାର ଯୁବ ପୁରସ୍କାର ପାଇଁ ଫାଗୁ ବାସ୍କୀ ମନୋନୀତ ହୋଇଛନ୍ତି। ପୁରସ୍କାର ଲାଗି ତାଙ୍କ ସାନ୍ତାଳି କବିତା ସଂକଳନ 'ଅରଣ ସାଗ ଇନ୍' ମନୋନୀତ ହୋଇଛି। ଫାଗୁ ବାସ୍କୀ ହେଉଛନ୍ତି ଓଡ଼ିଶାର ବାରିପଦାସ୍ଥିତ ଅଞ୍ଚଳର ଲେଖକ। ସେ ଜଣେ ପ୍ରାଥମିକ ଶିକ୍ଷକ। ଏଥର ସାନ୍ତାଳି ଭାଷାର ଯୁବ ପୁରସ୍କାର ପାଇଁ ତ୍ରିସଦସ୍ୟ ବିଚାରକ ମଣ୍ଡଳୀରେ ଥିଲେ ଡ. ଦୁଲି ହେମ୍ବ୍ରମ, ରବୀନ୍ଦ୍ରନାଥ ସୋରେନ୍ ଓ ମଦନ ମୋହନ ସୋରେନ୍।

ବୈଠକରେ ସର୍ବଭାରତୀୟ ସ୍ତରର ୨୪ ଜଣ ଶିଶୁ ସାହିତ୍ୟିକ ଏବଂ ୨୩ ଜଣ ଯୁବ ଲେଖକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଥିଲା। କେବଳ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରତ୍ୟେକ ପୁରସ୍କାର ପାଇଁ ଉପଢୌକନ, ତାମ୍ର ଫଳକ ଏବଂ ୫୦ ହଜାର ଟଙ୍କାର ଅର୍ଥରାଶି ଏକାଡେମୀ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ ବୋଲି ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି।

ପୁରସ୍କାର ଘୋଷଣା ପରେ ଓଡ଼ିଶାର ୩ ସାହିତ୍ୟିକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା କେବଳ ଆପଣମାନଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଓଡ଼ିଆ ଭାଷା ଓ ସାହିତ୍ୟ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଆପଣମାନେ ଆଗାମୀ ଦିନରେ ନିଜ କୃତି ଦ୍ୱାରା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅଧିକ ସମୃଦ୍ଧ କରିବେ। ସାହିତ୍ୟ କ୍ଷେତ୍ରରେ ପ୍ରତ୍ୟେକଙ୍କ ଲେଖନୀ ଚାଳନା ଯୁବପିଢ଼ିଙ୍କୁ ଲେଖିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି। ପୁରସ୍କାର ଘୋଷଣା ପରେ ଡ.ରାଜକିଶୋର ପାଢ଼ୀ ଖୁସିବ୍ୟକ୍ତ କରିଛନ୍ତି। ପୁସ୍ତକ 'କେତେ ଫୁଲ ଫୁଟିଚି' ଶିଶୁ ଓ କିଶୋର-କିଶୋରୀଙ୍କ ପାଇଁ ଏକ କବିତା ପୁସ୍ତକ। ଏଥିରେ ବିଭିନ୍ନ ସମୟରେ ଲେଖାଯାଇଥିବା ମନୋନୀତ ୧୦୧ଟି କବିତା ସ୍ଥାନିତ ରହିଛି ବୋଲି ଡ.ପାଢ଼ୀ କହିଛନ୍ତି।

### 'କଦମ୍ବବନ'ରେ ଅନେକଙ୍କ ଅକୁହା କାହାଣୀ
### ପୁରସ୍କାର ପ୍ରେରଣା ଦିଏ, ଦାୟିତ୍ୱ ବଢ଼ାଏ: ସୁବ୍ରତ

ପୁରସ୍କାର ଘୋଷଣା ପରେ ଡ. ସୁବ୍ରତ ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି, ସ୍ୱାଭାବିକ ଭାବରେ ଖୁସି ଲାଗୁଛି। ପୁରସ୍କାର ସବୁବେଳେ ପ୍ରେରଣା ଦିଏ। ଏ ପୁରସ୍କାର ମଧ୍ୟ ପ୍ରେରଣା ଦେବା ସହ ଆଗ ଦିନେ ଦାୟିତ୍ୱ ବଢ଼ାଇ ଦେଇଛି। ତେଣୁ ମୁଁ ଭାବେ ଏ ଖୁସିଟା ସାମୟିକ ଖୁସି। ଆଗକୁ ଆହୁରି କିଛି ଅତିକ୍ରମ କରିବାକୁ ହେବ ସର୍ଜନାତ୍ମକ ସୃଷ୍ଟି ମାଧ୍ୟମରେ। ସେଥିପାଇଁ ନିଜକୁ ଭାବରେ ଅଧିକ ସଚେତନଶୀଳ ହେବି। ବାକି ମୋ ଗଳ୍ପ ପୁସ୍ତକର ବର୍ଣ୍ଣନା କରିବା ଏବଂ ତା' ବିଷୟରେ କିଛି କହିବା ଅପେକ୍ଷା ପାଠକ ଏବଂ ବିଜ୍ଞଙ୍କ ତା' ଉପରେ କହିବା ଉଚିତ୍ ମନେ କରିବି। ତେଣୁ '…' ଗଳ୍ପ ସଂକଳନ ପରେ ୧୫ଟି କାହାଣୀରେ ସାଜିଛି ଦ୍ୱିତୀୟ ଗଳ୍ପ ସଂକଳନ 'କଦମ୍ବବନ'ରେ। ଅନ୍ୟ ସମୟରେ କୃଷିବାଡ଼ିରେ ପାଇଥିବା ଅନେକଙ୍କ ଅକୁହା କଥା, ମଣିଷ ମନର ବ୍ୟଥା, ଦବି ରହିଥିବା ସ୍ୱର, ପରିବାରର ଛୋଟ ଛୋଟ କଥା ଏବଂ ସମାଜର ଦୁଃଖ, ପ୍ରେମ, ଜୀବନକୁ ଗଳ୍ପରେ ଫୁଟାଇଛି। ସେଠାରୁ ଆଶା ଏହି 'କଦମ୍ବବନ'ରେ ପାଠକ … ଆଗକୁ ଆହୁରି ଗଳ୍ପ ସଂକଳନ ଆସିପାରେ। ବିଶେଷକରି ପଢ଼ିବାକୁ ଭଲପାଏ। ଓଡ଼ିଶାର ବଡ଼ ବଡ଼ ଲେଖକଙ୍କ … ସମସ୍ତଙ୍କୁ ପଢ଼ି ଆଜି ଏହି ସ୍ଥାନରେ ପହଞ୍ଚିଛି ବୋଲି ଡ. ସେନାପତି କହିଛନ୍ତି। ଡ. ସେନାପତିଙ୍କ ଏହି ସଫଳତା ପାଇଁ ତାଙ୍କୁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଶୁଭେଚ୍ଛା ଜଣାଇଛନ୍ତି।